# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

**ତା ୦୭.୦୩.୨୦୨୫ରିଖ** **ସମୟ:- ଦିବା ଘ୯.୦୦ମି.**

## ସ୍ଥାନ : ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଖେଳ ପଡିଆ, ତାଳବଣିଆ, ପୁରୀ
## Govt. ITI Campus Playground, Talabania, Puri

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ପୁରୀ ବିଗତ ବର୍ଷ ମାନଙ୍କ ଭଳି ଏ ବର୍ଷ ମଧ୍ୟ ଅନୁରୂପ ଏକ ନିଯୁକ୍ତି ମେଳାରେ ଆୟୋଜନ କରିବାକୁ ଯାଉଅଛି । ଏହା ଆସନ୍ତା ତା ୦୭.୦୩.୨୦୨୫ରିଖ ସକାଳ ୯ଘଟିକା ସମୟରେ ସରକାରୀ ତାଲିମ ଅନୁଷ୍ଠାନ, ଖେଳପଡ଼ିଆ ତାଳବଣିଆ, ପୁରୀ ଠାରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ଦାତା ସଂସ୍ଥାମାନେ ଯୋଗଦେବେ । ଏହାବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (OSDA)ଙ୍କ ସହ ବୁଝାମଣା ପତ୍ର (MOU) ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (Project Implementing Agencies) ମାନେ ମଧ୍ୟ ଯୋଗଦେବେ । ସମସ୍ତ ନିଯୁକ୍ତି ଦାତା ସଂସ୍ଥା ମାଧ୍ୟମରେ ଜିଲ୍ଲା ମଧ୍ୟରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ ।

ସୁତରାଂ ପୁରୀ ଜିଲ୍ଲାର ରୋଜଗାର ସନ୍ଧାନରେ ଥିବା ପଞ୍ଚମ ପାସ୍ ଠାରୁ ଦଶମ ପାସ୍ ଓ ଦ୍ୱାଦଶ ପାସ୍, ସ୍ନାତକ ପାସ୍, ଆଇ. ଟି.ଆଇ (I.T.I)/ ଡିପ୍ଲୋମା (Diploma) ଏ.ଏନ୍.ଏମ୍ (ANM) ଜି ଏନ୍ ଏମ୍ (GNM) ଏବଂ ଅନ୍ୟ ଯେକୌଣସି ସ୍ୱୀକୃତ ପ୍ରାପ୍ତ ଅନୁଷ୍ଠାନରୁ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆଗ୍ରହୀ ଯୁବକ/ଯୁବତୀ ମାନେ ନିଯୁକ୍ତି ମେଳାଦିନ I.T.I Playground ପୁରୀଠାରେ ନିଜର ନାମ ପଞ୍ଜିକୃତ କରି ଏହି ମେଳାରେ ଭାଗ ନେଇପାରିବେ । ବୟସ ସୀମା ୧୮ରୁ ୩୫ ମଧ୍ୟରେ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ପ୍ରାର୍ଥିନୀ ମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଆଧାର ପ୍ରମାଣ ପତ୍ରର ଏକକିତା ନକଲ ସହ ପାସ୍ ଫୋଟ ସାଇଜର ୨ଗୋଟି ଫଟୋ ସାଙ୍ଗରେ ଆଣିବାକୁ ଅନୁରୋଧ ।

ସୁତରାଂ ଜିଲ୍ଲା ପ୍ରଶାସନ ପୁରୀ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ପୁରୀ ତରଫରୁ ସମସ୍ତ ନିଯୁକ୍ତି ଆଶୟୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଜଣାଇ ଦିଆଯାଉଛି କି, ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେଇ ଏହାର ସୁଯୋଗ ହାସଲ କରନ୍ତୁ ।

ସା/-
ଜିଲ୍ଲା ଦକ୍ଷତା ବିକାଶ ତଥା
ନିୟୋଜନ ଅଧିକାରୀ
ପୁରୀ

ସା/-
**ଜିଲ୍ଲାପାଳ, ପୁରୀ**

For Registration
Scan the QR Code

ବି.ଦ୍ର :-
ଏହା କୌଣସି ସରକାର ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ନୁହେଁ ।
ନିଯୁକ୍ତି ମେଳାରେ ଯୋଗଦେବା ପାଇଁ କୌଣସି ଗସ୍ତ ଖର୍ଚ୍ଚ ପ୍ରଦାନ କରାଯିବ ନାହିଁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :- ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ପୁରୀ । ୦୬୭୫୨-୨୨୨୭୫୭